# NATIONAL NEWS BULLETIN (ODIA)
## 01st February - 2026
## Evening Bulletin : 7.15 p.m.

********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ସୁବାସ ଚନ୍ଦ୍ର ଶତପଥୀ**

## ମୁଖ୍ୟ ସମ୍ବାଦ

- ଆର୍ଥିକ ଅଭିବୃଦ୍ଧିକୁ ସୁଦୃଢ଼, ଆମଦାନୀ ହ୍ରାସ, ରପ୍ତାନୀ ବୃଦ୍ଧି ସମେତ ଆତ୍ମନିର୍ଭର ଭାରତ ଗଠନକୁ ଲକ୍ଷ୍ୟ ରଖି ଆଗାମୀ ଆର୍ଥିକ ବର୍ଷପାଇଁ ଲୋକସଭାରେ ବଜେଟ୍ ଉପସ୍ଥାପନ କଲେ ଅର୍ଥମନ୍ତ୍ରୀ ।

— ଖଦି, ହସ୍ତତନ୍ତ ଓ ହସ୍ତଶିଳ୍ପ କ୍ଷେତ୍ରକୁ ସଶକ୍ତ କରିବା ଲକ୍ଷ୍ୟରେ ମହାତ୍ମାଗାନ୍ଧି ଗ୍ରାମ ସ୍ୱରାଜ୍ୟ ଅଭିଯାନପାଇଁ ପ୍ରସ୍ତାବ ।

— ୫ ଲକ୍ଷରୁ ଅଧିକ ଜନସଂଖ୍ୟା ସହରଗୁଡ଼ିକର ଭିତ୍ତିଭୂମି ବିକାଶ ପାଇଁ ୧୨ ଲକ୍ଷ ୨୦ ହଜାର କୋଟି ଟଙ୍କା ବ୍ୟୟ ବରାଦ ।

— ଭାରତକୁ ଚିକିତ୍ସା ପର୍ଯ୍ୟଟନର ହବ୍ ଭାବେ ବିକଶିତ କରିବାପାଇଁ ପ୍ରତିଷ୍ଠା ହେବ ୫ଟି ଆଞ୍ଚଳିକ ଚିକିତ୍ସାକେନ୍ଦ୍ର ।

— ସହରଗୁଡ଼ିକ ମଧ୍ୟରେ ସଂଯୋଗୀକରଣ ବୃଦ୍ଧି ଲକ୍ଷ୍ୟରେ ବିକଶିତ ହେବ ୭ଟି ଦ୍ରୁତଗାମୀ ରେଳ କରିଡର ।

- ମେକ୍ ଇନ୍ ଇଣ୍ଡିଆ ଓ ଆତ୍ମନିର୍ଭର ଭାରତ ଗଠନ ଦିଗରେ ବଜେଟ୍ ଗତି ପ୍ରଦାନ କରିବ; କହିଲେ ପ୍ରଧାନମନ୍ତ୍ରୀ ।

- ଜଳନ୍ଧରର ଡେରା ସଚ୍‌ଖଣ୍ଡ ବଲ୍ଲାନ୍‌ରେ ସନ୍ଥ ଗୁରୁ ରବିଦାସଙ୍କ ପ୍ରକାଶ ପର୍ବରେ ପ୍ରଧାନମନ୍ତ୍ରୀଙ୍କ ଶ୍ରଦ୍ଧାସୁମନ ଅର୍ପଣ ।

ଏବଂ

- ଆଇ.ସି.ସି. ପୁରୁଷ ୧୯ ବର୍ଷରୁ କମ୍ ଏକଦିବସୀୟ କ୍ରିକେଟ୍ ବିଶ୍ୱକପ୍‌ରେ ପାକିସ୍ତାନ ସମ୍ମୁଖରେ ୨୫୩ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କଲା ଭାରତ ।

## ସ୍ପେଶାଲ ବଜେଟ୍

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆଜି ସଂସଦରେ ୨୦୨୬-୨୭ ଆର୍ଥିକ ବର୍ଷପାଇଁ କେନ୍ଦ୍ର ବଜେଟ୍ ଉପସ୍ଥାପନ କରିଛନ୍ତି । ଏହା ଶ୍ରୀମତୀ ସୀତାମରଣଙ୍କଦ୍ୱାରା ଉପସ୍ଥାପିତ କ୍ରମାଗତ ନବମ ବଜେଟ୍ ଥିଲା । ଯୁବଶକ୍ତି ପରିଚାଳିତ ଏହି ବଜେଟ୍‌ରେ ଅର୍ଥମନ୍ତ୍ରୀ' ଅର୍ଥନୈତିକ ଅଭିବୃଦ୍ଧିକୁ ସୁଦୃଢ଼ କରିବା, ଘରୋଇ ଉତ୍ପାଦନ କ୍ଷମତା, ନିବେଶ ଏବଂ ରପ୍ତାନୀ ବୃଦ୍ଧି କରିବା, ଶକ୍ତି ସୁରକ୍ଷା ସୁନିଶ୍ଚିତ କରିବା ଏବଂ ଗୁରୁତ୍ୱପୂର୍ଣ୍ଣ ଆମଦାନୀ ନିର୍ଭରଶୀଳତା ହ୍ରାସ କରିବା ଉପରେ ଗୁରୁତ୍ୱ ଦେଇ ଦେଶପାଇଁ ବିକାଶ ଏବଂ ସଂସ୍କାରମୁଖୀ ବଜେଟ୍ ଉପସ୍ଥାପନ କରିଛନ୍ତି ।

ଆଗାମୀ ୫ ବର୍ଷ ମଧ୍ୟରେ ଭାରତକୁ ଏକ ବିଶ୍ୱ ବାୟୋ-ଫାର୍ମା ଉତ୍ପାଦନ ହବ୍ ଭାବରେ ବିକଶିତ କରିବାପାଇଁ ୧୦ ହଜାର କୋଟି ଟଙ୍କା ବ୍ୟୟରେ

ବାୟୋ-ଫାର୍ମା ଶକ୍ତି ଆରମ୍ଭ ହେବ । ଏଥିସହ ଅର୍ଥମନ୍ତ୍ରୀ ୩ଟି ନୂତନ ଜାତୀୟ ଔଷଧ ଶିକ୍ଷା ଏବଂ ଗବେଷଣା ପ୍ରତିଷ୍ଠାନ - NIPER ସହିତ ଏକ ବାୟୋ-ଫାର୍ମା ନେଟ୍‌ୱାର୍କ ଏବଂ ୭ଟି ଚାଲିଥିବା ସଂସ୍ଥାକୁ ଅପ୍‌ଗ୍ରେଡ୍‌ପାଇଁ ପ୍ରସ୍ତାବ ଦେଇଛନ୍ତି । ଇଲୋକ୍ଟ୍ରୋନିକ୍ସ କମ୍ପୋନେଟ୍‌ସ୍ ଉତ୍ପାଦନ ଯୋଜନାର ବ୍ୟୟ ପରିମାଣ ୪୦ ହଜାର କୋଟି ଟଙ୍କାକୁ ବୃଦ୍ଧି କରିବାକୁ ବଜେଟ୍‌ରେ ପ୍ରସ୍ତାବ ଦିଆଯାଇଛି ।

ଖଣି ପ୍ରକ୍ରିୟାକରଣ, ଗବେଷଣା ଏବଂ ଉତ୍ପାଦନକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଦେଶରେ ୩ଟି ରାସାୟନିକ ପାର୍କର ପ୍ରତିଷ୍ଠା କରାଯିବ । ଖଦୀ, ହସ୍ତତନ୍ତ ଏବଂ ହସ୍ତଶିଳ୍ପ କ୍ଷେତ୍ରକୁ ସଶକ୍ତ କରିବା ଲକ୍ଷ୍ୟରେ ମହାତ୍ମାଗାନ୍ଧି ଗ୍ରାମ ସ୍ୱରାଜ୍ୟ ଅଭିଯାନ ଆରମ୍ଭ କରିବାକପାଇଁ ବଜେଟ୍‌ରେ ପ୍ରସ୍ତାବ ରହିଛି । ଭବିଷ୍ୟତରେ ଉନ୍ନତ କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ସୃଷ୍ଟି ଲକ୍ଷ୍ୟ ନେଇ ସରକାର ୧୦ ହଜାର କୋଟି ଟଙ୍କାର ଏସ୍.ଏମ୍.ଇ. ଅଭିବୃଦ୍ଧି ପାଣ୍ଠି ପ୍ରଚଳନ କରିବେ ।

୫ ଲକ୍ଷରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ସହରଗୁଡ଼ିକର ଭିତ୍ତିଭୂମି ବିକାଶପାଇଁ ସାଧାରଣ ପୁଞ୍ଜିବ୍ୟୟକୁ ସରକାର ୧୨ ଲକ୍ଷ ୨୦ ହଜାର କୋଟି ଟଙ୍କାକୁ ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛନ୍ତି । ବିକଶିତ ଭାରତ ପାଇଁ ବ୍ୟାଙ୍କିଙ୍ଗ୍ କ୍ଷେତ୍ରର ବ୍ୟାପକ ସମୀକ୍ଷା କରିବାପାଇଁ ଉଚ୍ଚସ୍ତରୀୟ କମିଟି ଗଠନ କରିବାକୁ ସରକାର ପ୍ରସ୍ତାବ ନେଇଛନ୍ତି ।

ଶାସନରେ କୃତ୍ରିମ ବୁଦ୍ଧିମତ୍ତାର ଗୁରୁତ୍ୱ ବିଷୟରେ ଅର୍ଥମନ୍ତ୍ରୀ କହିଛନ୍ତି, ନୂତନ ସୁଯୋଗ ପାଇବାପାଇଁ ପ୍ରଯୁକ୍ତିବିଦ୍ୟା ଗ୍ରହଣ କରିବା ସମାଜର ପ୍ରତ୍ୟେକ ବର୍ଗଙ୍କପାଇଁ ଲାଭଦାୟକ । ସରକାର ଏ.ଆଇ. ମିଶନ, ଜାତୀୟ କ୍ୱାଣ୍ଟମ୍ ମିଶନ, ଅନୁସନ୍ଧାନ ଜାତୀୟ ଗବେଷଣା ପାଣ୍ଠି ଏବଂ ଗବେଷଣା, ବିକାଶ ଆଦି ପାଣ୍ଠି ମାଧମରେ ନୂତନ ପ୍ରଯୁକ୍ତିବିଦ୍ୟାକୁ ସମର୍ଥନ କରିବାପାଇଁ ଅନେକ ପଦକ୍ଷେପ ନେଇଛନ୍ତି ବୋଲି ଅର୍ଥମନ୍ତ୍ରୀ କହିଛନ୍ତି । ସରକାର ଭାରତ ବିସ୍ତାର ନାମକ ଏକ ବହୁଭାଷୀ ଏ.ଆଇ. ଉପକରଣର ଶୁଭାରମ୍ଭ କରିବେ, ଯାହା ଆଗ୍ରିଷ୍ଟାକ୍ ପୋର୍ଟାଲ୍ ଏବଂ ଆଇ.ସି.ଏ.ଆର୍. ପ୍ୟାକେଜ୍‌କୁ ଏ.ଆଇ. ସିଷ୍ଟମ୍ ସହ ସଂଯୁକ୍ତ କରିବ, ଏହା କୃଷକମାନଙ୍କପାଇଁ ସହାୟକ ହେବ ।

ଭାରତକୁ ଚିକିତ୍ସା ପର୍ଯ୍ୟଟନର ଏକ କେନ୍ଦ୍ର ଭାବେ ପ୍ରୋତ୍ସାହିତ କରିବାପାଇଁ ୫ଟି ଆଞ୍ଚଳିକ ଚିକିତ୍ସାକେନ୍ଦ୍ର ପ୍ରତିଷ୍ଠା କରାଯିବ । ଏଥିପାଇଁ ସରକାର ରାଜ୍ୟଗୁଡ଼ିକୁ ସହାୟତା ଯୋଗାଇବେ । ଆୟୁର୍ବେଦପାଇଁ ବିଶ୍ୱସ୍ତରୀୟ ମାନ୍ୟତା ଉପରେ ଆଲୋକପାତ କରି ମନ୍ତ୍ରୀ କହିଛନ୍ତି, ସରକାର ୩ଟି ନୂତନ ଅଖିଳ ଭାରତୀୟ ଆୟୁର୍ବେଦ ପ୍ରତିଷ୍ଠାନ ସ୍ଥାପନ କରିବେ । ଆୟୁଷ୍ ଫାର୍ମାସି ଏବଂ ଔଷଧ ପରୀକ୍ଷାଗାରଗୁଡ଼ିକର ମାନରେ ଉନ୍ନତି ଅଣାଯିବ । ପାରମ୍ପରିକ ଔଷଧପାଇଁ ପ୍ରମାଣ ଆଧାରିତ ଗବେଷଣା, ତାଲିମ ଏବଂ ସଚେତନତାକୁ ବୃଦ୍ଧି କରିବାପାଇଁ ଗୁଜରାଟର ଜାମନଗରରେ ଥିବା ଡବ୍ଲ୍ୟୁ.ଏଚ୍.ଓ. ଗ୍ଲୋବାଲ୍ ପାରମ୍ପରିକ ଔଷଧ କେନ୍ଦ୍ରକୁ ଉନ୍ନତ କରାଯିବ ।

ଦେଶରେ ଆନିମେସନ୍, ଦୃଶ୍ୟ-ଶ୍ରାବ୍ୟ, ଗେମିଂ ଏବଂ କମିକ୍ସ କ୍ଷେତ୍ରର ଅଭିବୃଦ୍ଧି ବିଷୟରେ ମନ୍ତ୍ରୀ କହିଛନ୍ତି, ୨୦୩୦ ମସିହା ଶେଷ ସୁଦ୍ଧା ୨ ନିୟୁତ ବୃତ୍ତିଗତଙ୍କ ଆବଶ୍ୟକତା ପାଇଁ ସରକାର ମୁମ୍ବାଇର ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କ୍ରିଏଟିଭ୍ ଟେକ୍ନୋଲୋଜିକୁ ୧୫ ହଜାର ମାଧ୍ୟମିକ ବିଦ୍ୟାଳୟ ଏବଂ ୫ ଶହ ମହାବିଦ୍ୟାଳୟରେ ଏ.ଭି.ଜି.ସି. କଣ୍ଟେଣ୍ଟ୍ କ୍ରିଏଟର୍ ଲ୍ୟାବ୍ ସ୍ଥାପନ ପାଇଁ ସହାୟତା ପ୍ରଦାନ କରିବ ।

ଉଚ୍ଚଶିକ୍ଷା କ୍ଷେତ୍ରର ଅଭିବୃଦ୍ଧିପାଇଁ ପ୍ରମୁଖ ଶିଳ୍ପ ଏବଂ ଲଜିଷ୍ଟିକ୍ କରିଡର ନିକଟରେ ୫ଟି ବିଶ୍ୱବିଦ୍ୟାଳୟ, ଟାଉନ୍‌ସିପ୍ ସୃଷ୍ଟି କରିବାରେ ସରକାର ରାଜ୍ୟଗୁଡ଼ିକୁ ସମର୍ଥନ କରିବେ । ଜ୍ୟୋତିର୍ବିଜ୍ଞାନକୁ ପ୍ରୋତ୍ସାହିତ କରିବାପାଇଁ ୪ଟି ଟେଲିସ୍କୋପ୍ ଭିତ୍ତିଭୂମି ସୁବିଧା ସ୍ଥାପନ କିମ୍ବା ଅପ୍‌ଗ୍ରେଡ୍ କରାଯିବାପାଇଁ ବଜେଟ୍‌ରେ ବ୍ୟବସ୍ଥା ରହିଛି । ଚଳିତ ବର୍ଷ ଭାରତ' ସଂରକ୍ଷଣପାଇଁ ସାମୂହିକ ରଣନୀତି ଉପରେ ବିଚାର ବିମର୍ଶ କରିବାପାଇଁ ପ୍ରଥମଥର ଗ୍ଲୋବାଲ୍ ବିଗ୍ କ୍ୟାଟ୍ ଶିଖର ସମ୍ମିଳନୀର ଆୟୋଜନ କରିବ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି । ଆର୍ଥିକ ବର୍ଷ ୨୦୨୬-୨୭ରେ ଆର୍ଥିକ ନିଅଣ୍ଟ ଜି.ଡି.ପି.ର ୪ ଦଶମିକ ୩ ପ୍ରତିଶତ ରହିବା ନେଇ ଆକଳନ କରାଯାଇଛି । ସରକାରଙ୍କ ନିରନ୍ତର ପ୍ରୟାସ ସହିତ ୨୫ କୋଟି ବ୍ୟକ୍ତି ବହୁମୁଖୀ ଦାରିଦ୍ର୍ୟରୁ ମୁକ୍ତ ହୋଇଛନ୍ତି ବୋଲି ଶ୍ରୀମତୀ ସୀତାରମଣ କହିଛନ୍ତି ।

ସହରଗୁଡ଼ିକ ମଧ୍ୟରେ ଯୋଗାଯୋଗ ବୃଦ୍ଧି ଲକ୍ଷ୍ୟରେ ଦେଶରେ ୭ଟି ଦ୍ରୁତଗାମୀ ରେଳ କରିଡର ବିକଶିତ କରାଯିବ ।

ପ୍ରାଣୀପାଳନ କ୍ଷେତ୍ରକୁ ପ୍ରୋତ୍ସାହିତ କରିବାପାଇଁ ସରକାର' ଘରୋଇ କ୍ଷେତ୍ରରେ ପ୍ରାଣୀ ଚିକିତ୍ସା ମହାବିଦ୍ୟାଳୟ ଓ ଡାକ୍ତରଖାନା, ପ୍ରୟୋଗଶାଳା ଏବଂ ପ୍ରଜନନ ସୁବିଧା ଥିବା କେନ୍ଦ୍ର ପ୍ରତିଷ୍ଠାପାଇଁ ଋଣ ସହ ପୁଞ୍ଜି ରିହାତି ସହାୟତା ଯୋଜନା ଆରମ୍ଭ କରିବେ । ଯାହାଫଳରେ ପ୍ରାଣୀଚିକିତ୍ସା କ୍ଷେତ୍ରରେ ୨୦ ହଜାରରୁ ଅଧିକ ବୃତ୍ତିଗତଙ୍କପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ।

ଆସନ୍ତା ୫ ବର୍ଷ ମଧ୍ୟରେ ଦେଶରେ ୨୦ଟି ନୂତନ ଜାତୀୟ ଜଳପଥ କାର୍ଯ୍ୟକ୍ଷମ ହେବ ବୋଲି ବଜେଟ୍‌ରେ ପ୍ରସ୍ତାବ ରହିଛି । ଏହି କାର୍ଯ୍ୟ ପ୍ରଥମେ ଓଡ଼ିଶାର ୫ ନମ୍ବର ଜାତୀୟ ଜଳପଥରୁ ଆରମ୍ଭ ହେବ, ଯାହା ତାଳଚେର ଏବଂ ଅନୁଗୁଳରେ ଥିବା ଖଣିଜସମ୍ପନ୍ନ ଅଞ୍ଚଳ ଏବଂ କଳିଙ୍ଗନଗର ଶିଳ୍ପାଞ୍ଚଳକୁ ଧାମରା ଓ ପାରାଦ୍ୱୀପ ସହ ସଂଯୋଗ କରିବ ।

## ବଜେଟ୍ - ପି.ଏମ୍. ରିଆକ୍ସନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି' କେନ୍ଦ୍ର ବଜେଟ୍ ୨୦୨୬-୨୭କୁ ଐତିହାସିକ ବୋଲି ବର୍ଣ୍ଣନା କରି କହିଛନ୍ତି, ଚଳିତ ବର୍ଷର ବଜେଟ୍ ମେକ୍ ଇନ୍ ଇଣ୍ଡିଆ ଏବଂ ଆତ୍ମନିର୍ଭର ଭାରତ ପଦକ୍ଷେପଗୁଡ଼ିକୁ ଗତି ପ୍ରଦାନ କରିବ । ପ୍ରଧାନମନ୍ତ୍ରୀ କହିଛନ୍ତି :

***Voice (PM)*** :.......

କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ' ବଜେଟ୍‌କୁ ଦେଶର ସର୍ବାଙ୍ଗୀନ ବିକାଶ ଏବଂ ଏକ ବିକଶିତ ଭାରତ ଗଠନପାଇଁ 'ଭିତ୍ତିଭୂମି' ଭାବେ ବର୍ଣ୍ଣନା କରିଛନ୍ତି । ନୂଆଦିଲ୍ଲୀରେ ସାମ୍ବାଦିକ ସମ୍ମିଳନୀକୁକ ସମ୍ବୋଧିତ କରି ଶ୍ରୀ ବୈଷ୍ଣବ କହିଛନ୍ତି, ଚଳିତ ବର୍ଷ ରେଳବାଇପାଇଁ ବଜେଟ୍‌ରେ ୨ ଲକ୍ଷ ୭୮ ହଜାର କୋଟି ଟଙ୍କା ଆବଣ୍ଟନ କରାଯାଇଛି । ମୋଟ୍ ପୁଞ୍ଜିବ୍ୟୟ ବାବଦରେ ୨ ଲକ୍ଷ ୯୩ ହଜାର କୋଟି ଟଙ୍କାର ପ୍ରସ୍ତାବ ରହିଛି । ମୋଟ୍ ବଜେଟ୍ ମଧ୍ୟରୁ ଯାତ୍ରୀ ଏବଂ ରେଳ ସୁରକ୍ଷାପାଇଁ ୧ ଲକ୍ଷ ୨୦ ହଜାର କୋଟି ଟଙ୍କା ଖର୍ଚ୍ଚ କରାଯିବ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

***Voice (Baishnav)*** :.......

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ' ବଜେଟ୍‌କୁ ପ୍ରଶଂସା କରି କହିଛନ୍ତି, ଏହା ଶିକ୍ଷା ଏବଂ ନିଯୁକ୍ତି ସୃଷ୍ଟିକୁ ପ୍ରୋତ୍ସାହନ ଦେବ । ଚଳିତ ବର୍ଷ ବଜେଟ୍‌ରେ ଶିକ୍ଷାପାଇଁ ପୂର୍ବ ବଜେଟ୍ ତୁଳନାରେ ୮ ଦଶମିକ ୨/୭ ପ୍ରତିଶତ ବ୍ୟୟ ବରାଦ ବୃଦ୍ଧି କରାଯାଇଛି ବୋଲି ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସମ୍ବୋଧିତ କରି ମନ୍ତ୍ରୀ କହିଛନ୍ତି ।

***Voice (Pradhan)*** :.......

## ପି.ଏମ୍. - ପଞ୍ଜାବ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି' ଆଜି ଜଳନ୍ଧରର ଡେରା ସଚ୍‌ଖଣ୍ଡ ବଲ୍ଲାନ୍‌ରେ ସନ୍ଥ ଗୁରୁ ରବିଦାସଙ୍କ ୬୪୯ତମ ପ୍ରକାଶପର୍ବ ଅବସରରେ

ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି । ଡେରାରେ ଅବତରଣ କରିବା ପୂର୍ବରୁ ପ୍ରଧାନମନ୍ତ୍ରୀ ଆଦମ୍‌ପୁର ବିମାନ ବନ୍ଦରକୁ ଶ୍ରୀଗୁରୁ ରବିଦାସ ମହାରାଜଜୀ ବିମାନ ବନ୍ଦର ଭାବେ ନାମିତ କରିଛନ୍ତି । ଏଥିସହ ପ୍ରଧାନମନ୍ତ୍ରୀ' ଲୁଧିଆନା ହଲ୍‌ୱାରା ବିମାନ ବନ୍ଦରର ଟର୍ମିନାଲ୍ ଅଟ୍ଟାଳିକାକୁ ମଧ୍ୟ ଲୋକାର୍ପଣ କରିଛନ୍ତି ।

## ୟ.୧୯ - କ୍ରିକେଟ୍

ଆଇ.ସି.ସି. ପୁରୁଷ ୧୯ ବର୍ଷରୁ କମ୍ ଏକଦିବସୀୟ ଅନ୍ତର୍ଜାତୀୟ କ୍ରିକେଟ୍ ବିଶ୍ୱକପ୍‌ରେ ଭାରତ ପାକିସ୍ତାନ ସମ୍ମୁଖରେ ୨୫୩ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି । ସମ୍ବାଦ ପ୍ରସ୍ତୁତ ହେବାବେଳକୁ ପାକିସ୍ତାନ ୨୫ ଓଭରରେ ୨ ୱିକେଟ୍ ହରାଇ ୧୨୯ ରନ୍ ସଂଗ୍ରହ କରିଛି । ଜିମ୍ବାୱେର ବୁଲାୱାୟୋ'ର କୁଇନ୍ସ ସ୍ପୋର୍ଟସ୍ କ୍ଲବ୍‌ରେ ଖେଳାଯାଉଥିବା ଏହି ସୁପର୍ ସିକ୍ସ ପର୍ଯ୍ୟାୟ ମ୍ୟାଚ୍‌ରେ ପାକିସ୍ତାନ ଟସ୍ ଜିତି ଭାରତକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା । ଭାରତ ୪୯ ଓଭର ୫ଟି ବଲ୍‌ରେ ସମସ୍ତ ୱିକେଟ୍ ହରାଇ ୨୫୨ ରନ୍ ସଂଗ୍ରହ କରିଥିଲା ।

*****